# ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ ସୁବର୍ଣ୍ଣପୁର

ନୋଟିସ୍ ନଂ.....117........../ ତା. ...28.3.22...../

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧିନସ୍ଥ ନିମ୍ନଲିଖିତ ଷ୍ଟଲ ଗୁଡିକ ସୁଦ ଟେଣ୍ଡର ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ଷ୍ଟଲ ମୂଲ୍ୟର ୪୦% ବ୍ୟାଙ୍କ ଡ୍ରାଫ୍ଟ ଆକାରରେ **Executive Officer, Subarnapur Municipality** ଙ୍କ ନାମରେ ଜମାଦେବେ । ତା.୦୭.୦୪.୨୦୨୨ ଅପରାହ୍ନ ୪.୦୦ଘ ସୁଦ୍ଧା ସୁଦ ଟେଣ୍ଡର Regd. Post/ Courier/Speed Post କିମ୍ବା Tender Box ରେ କାର୍ଯ୍ୟାଳୟରେ ଦାଖଲ କରିବେ । ତା.୦୮.୦୪.୨୦୨୨ ଦିବା ୧୧.୦୦ଘ ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ସୁଦ ଟେଣ୍ଡର ଖୋଲାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମ ର ସର୍ତ୍ତାବଳୀ ନିମ୍ନରେ ଦିଆଗଲା । ପ୍ରକାଶଥାଉକି ସୁଦ ଟେଣ୍ଡର ଧାର୍ଯ୍ୟ ମୂଲ୍ୟ ଉପରେ କରାଯିବ । ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବେ ସେମାନେ ସୋନପୁର ପୌର ପରିଷଦରୁ ଟ.୨୦୦/- ଦାଖଲ କରି ନିର୍ଦ୍ଧାରୀତ ଦରଖାସ୍ତ ରେ ନିଜର ସଂପୂର୍ଣ୍ଣ ବିବରଣୀ ସହିତ ଧାର୍ଯ୍ୟ ମୂଲ୍ୟ ଉପରେ କେତେ ଟଙ୍କାରେ ଦୋକାନ ନେବାକୁ ଇଚ୍ଛୁକ (ଉଭୟ ଅଙ୍କରେ ଓ ଅକ୍ଷରରେ ଲେଖିବେ) ଓ ସୁଦ ଲଫାପାରେ ଦାଖଲ କରିବାକୁ ଜଣାଇଦିଆଗଲା ।

| କ୍ର. ନଂ | ଦୋକାନ ଗୃହର ଅବସ୍ଥିତି | ଦୋକାନ ଗୃହର ଆକାର | ଧାର୍ଯ୍ୟ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ୪୦% | ଦୋକାନ ଗୃହର ମାସିକ ଭଡା |
|---|---|---|---|---|---|
| ୧ | ବ୍ଲକ ଛକ, ମାର୍କେଟ କଂପ୍ଲେକ୍ସ (ପି.ଡି ବାସଗୃହ ପାର୍ଶ୍ୱ), ସୋନପୁର | ୧୪' x ୧୦' (୧୩ ଗୋଟି) କ୍ର.ନଂ. ୧ ରୁ ୪ ବ୍ୟତିତ | ୧,୫୦,୦୦୦/- | ୬୦,୦୦୦/- | ୨୫୦୦/- |

## ସର୍ତ୍ତାବଳୀ

୧. ପୂର୍ବ ବର୍ଷରୁ ବକେୟା ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ ।

୨. ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩. ଟେଣ୍ଡର ମୂଲ୍ୟର ଅବରୋହି କ୍ରମ ଅନୁସାରେ ୧୩ ଜଣ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ସିଦ୍ଧ ହେବ, ସେମାନେ ଉକ୍ତ ଟେଣ୍ଡରର ପୂର୍ଣ୍ଣ ରାଶି ଏକକାଳୀନ ୭ଦିନ ଭିତରେ କାର୍ଯ୍ୟାଳୟରେ ଜମା କରି ଚୁକ୍ତିନାମା ସାକ୍ଷର କରିବେ । ନଚେତ୍ ତାଙ୍କର ଆମାନତ ରାଶି ଟଙ୍କା ବ୍ୟାଜିପ୍ତି କରାଯାଇ ପରବର୍ତ୍ତି ସର୍ବୋଚ୍ଚ ନିଲାମଧାରି ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ । ନଚେତ ଉକ୍ତ ଦୋକାନର ପୁନର୍ବାର ନିଲାମ ଟେଣ୍ଡର କରାଯିବ ।

୪. ନିମ୍ନସାକ୍ଷାରକାରୀ ଯେ କୌଣସି ନିଲାମ ଟେଣ୍ଡର ଓ ଆବିଣ୍ଟନ ବାବଦରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

୫. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ନିଲାମ ଟେଣ୍ଡର ରେ ଅଂଶ ଗ୍ରହଣ କରି ପାରିବେ ।

୬. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇ ପାରିବେ ଏବଂ ସେ ଦୋକାନକୁ ଅନ୍ୟ କାହାକୁ ହସ୍ତାନ୍ତର କିମ୍ବା ଭଡାରେ ଲଗାଇପାରିବେ ନାହିଁ । ହସ୍ତାନ୍ତର କିମ୍ବା ଭଡା କ୍ଷେତ୍ରରେ ଚୁକ୍ତିନାମା ଖାରଜ କରାଯିବ ଏବଂ ଜମାଟଙ୍କା ବାଜ୍ୟାପ୍ତି କରାଯିବ ।

୭. ଯେଉଁ ବ୍ୟକ୍ତି ମାନେ ପୂର୍ବରୁ ପୌର ପରିଷଦ ଅଧିନରେ ଥିବା ଦୋକାନ ଘର ପାଇଥିବେ ତାଙ୍କର ପରିବାରର କୌଣସି ସଦସ୍ୟଙ୍କ ଆବେଦନକୁ ବିଚରକୁ ନିଆଯିବ ନାହିଁ ।

୮. ଟେଣ୍ଡରଧାରି ଯଦି ଟେଣ୍ଡର ପାଇବେ ନାହିଁ ତାହେଲେ ତାଙ୍କର ଅମାନତରାଶି ସର୍ବୋଚ୍ଚ ଟେଣ୍ଡର ଧାରୀଙ୍କ ଚୁକ୍ତିନାମା ସାକ୍ଷର ହେଲାପରେ ବିନା ସୁଧରେ ଫେରସ୍ତ ପାଇବେ ।

୯. କାର୍ଯ୍ୟ ନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି ।

୧୦.ଟେଣ୍ଡର ସଂକ୍ରାନ୍ତିୟ ବିଶଦ ବିବରଣୀ ପାଇଁ ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।

28/03/2022

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ ।